# ଢେଙ୍କାନାଳ ସିଭିଲ୍‌କୋର୍ଟ ପରିସରରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ

ଅଦ୍ୟ ତା-୧୪.୧୨.୨୦୧୯ ରିଖ ଦିନ ଢେଙ୍କାନାଳ ଜିଲ୍ଲାର ବିଭିନ୍ନ ଅଦାଲତରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଅଛି । ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଅଧ୍ୟକ୍ଷ ଶ୍ରୀଯୁକ୍ତ ମଳୟ ରଂଜନ ଦାସଙ୍କ ତତ୍ୱାବଧାନରେ ଢେଙ୍କାନାଳ ସିଭିଲ୍‌କୋର୍ଟ ପରିସରରେ ମଧ୍ୟରେ ଅନୁଷ୍ଠିତ ହୋଇଅଛି । ଏହି ଲୋକଅଦାଲତରେ ଜିଲ୍ଲାର ସମସ୍ତ ଅଦାଲତର ୧୮୦ ଟି ମାମଲା ଫଏସଲା କରାଯାଇଅଛି । ସେଥିମଧ୍ୟରୁ ମୋଟର ଦୁର୍ଘଟଣା ଜନିତ ୩୬ ଟି, ବିବାହ ଏବଂ ପାରିବାରିକ ମାମଲା ୨୧ ଟି, ଦେଓାନୀ ମାମଲା ୮୩ଟି, ବିଭିନ୍ନ ପ୍ରକାରର ଫୌଜଦାରୀ ମାମଲା ୪୦ଟି ଏବଂ ବ୍ୟାଙ୍କ ମାମଲା ଗୁଡିକ ଆପୋଷ ଭାବରେ ସମାଧାନ କରାଯାଇଛି । ମୋଟର ଦୁର୍ଘଟଣା ଜନିତ ପ୍ରାପ୍ୟ ବାବଦକୁ ଟ.୧,୫୭,୯୫,୦୦୦ ପ୍ରଦାନ କରାଯାଇଅଛି ଏବଂ ଅନ୍ୟାନ୍ୟ ମାମଲା ଗୁଡିକରେ ଜରିମାନା ଓ ବ୍ୟାଙ୍କ ଋଣ ଫଏସଲା ବାବଦକୁ ଟ.୩୧,୯୨,୫୦୦ ଜିଲ୍ଲାର ସମସ୍ତ ଅଦାଲତମାନଙ୍କରେ ଆଦାୟ କରାଯାଇଅଛି ।

ଢେଙ୍କାନାଳ ସିଭିଲ୍ କୋର୍ଟ ପରିସର ମଧ୍ୟରେ ଅନୁଷ୍ଠିତ ହୋଇଥିବା ରଷ୍ଟ୍ରୀୟ ଲୋକ ଅଦାଲତ ରେ ସ୍ଥାୟୀ ଲୋକଅଦାଲତର ଅଧ୍ୟକ୍ଷ ଶ୍ରୀ ବିଙ୍ଗଟି କୁମାର ରଥ,ପାରିବାରିକ ଅଦାଲତର ବିଚାରପତି ଦିପ୍ତୀ ରଂଜନ କାନୁନ୍‌ଗୋ, ଅତିରିକ୍ତ ଜିଲ୍ଲା ଜଜ୍ ଶ୍ରୀ ରାଜ୍ କିଶୋର ମହାପାତ୍ର, ବରିଷ୍ଠ ଦେଓାନୀ ବିଚାରପତି ଶ୍ରୀମତୀ ଅଞ୍ଜନା ସାଇଁ, ବରିଷ୍ଠ ଦେଓାନୀ ଅଦାଲତ (ଏଲ.ଆର.ଓଏଲ୍. ଟି.ଭି) ବିଚାରପତି ଶ୍ରୀ ସୁଶିଲ କୁମାର ସାହୁ, ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶ୍ରୀ ଅଭିଜିତ୍ କୁମାର ପୁରୋହିତ, ପ୍ରଥମ ଶ୍ରେଣୀ ବିଚାର ବିଭାଗିୟ ମାଜିଷ୍ଟ୍ରେଟ ମୌତ୍ରୀ ସାମନ୍ତରାୟ, ରାଜଶ୍ରୀ ଆର୍ଯ୍ୟବାଳା ତ୍ରିପାଠୀ, ନିଶା ଅଗ୍ରଓାଲ ବିଭିନ୍ନ ଅଦାଲତ ଗୁଡିକ ପରିଚାଳନା କରିଥିଲେ । ଉକ୍ତ ଲୋକଅଦାଲତରେ ଅତିରିକ୍ତ ଜିଲ୍ଲା ଜଜ୍ ତଥା ସତନ୍ତ ଜଜ୍ (ଭିଜିଲାନ୍ସ) ପ୍ରତିମା ପଣ୍ଡା, ମୁଖ୍ୟବିଚାର ବିଭାଗୀୟ ମାଜିଷ୍ଟ୍ରେଟ ମୁକ୍ତି ରଂଜନ ଶତପଥୀ, ରେଜିଷ୍ଟ୍ରାର ସିଭିଲ କୋର୍ଟର୍ସ ଶ୍ରୀ ସଂଜିତ୍ କୁମାର ବେହେରା ଏବଂ ଗୀତାଂଜଳି ନନ୍ଦ, ବରିଷ୍ଠ ଦେଓାନୀ ବିଚାରପତି (ମହିଳା ଙ୍କ ଅଦାଲତ), ଶ୍ରୀମୟୀ ନନ୍ଦ ପ୍ରୋବେସନ ମାଜିଷ୍ଟ୍ରେଟ ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲା ଆଇନ ସେବା ପ୍ରାଧିକରଣ ର ସଚିବ ତଥା ସ୍ଥାୟୀ ଏବଂ ନିରନ୍ତର ଲୋକ ଅଦାଲତର ବିଚାରପତି ଶ୍ରୀ ଅରୁଣ ପଟ୍ଟନାୟକ, ସରକାରୀ ଆଇନଜୀବି ଶ୍ରୀ ପତିତପାବନ ମହାପାତ୍ର, କନସିଲିଏଟର, ସ୍ଥାୟୀ ଏବଂ ନିରନ୍ତର ଲୋକ ଅଦାଲତ ସୁଭାସିନି ମହାକୁଡ, ସ୍ଥାୟୀ ଏବଂ ନିରନ୍ତର ଲୋକ ଅଦାଲତକୁ ପରିଚାଳନା କରିଥିଲେ । ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ପ୍ୟାନେଲ ଲୟର, ପି.ଏଲ. ଭି., ଜିଲ୍ଲା ଆଇନ ସେବା ପ୍ରାଧିକରଣ ଓ ସିଭିଲ୍ କୋର୍ଟ ର ସମସ୍ତ କର୍ମଚାରୀ ଉପରୋକ୍ତ ଲୋକ ଅଦାଲତ କୁ ସୁଚାର ରପେ ପରିଚାଳନା କରିବାରେ ସହାୟତା କରିଥିଲେ ।

Sd/-
Secretary
District Legal Services Authority,
Dhenkanal

## ଚତୁର୍ଥ ରାଷ୍ଟ୍ରୀୟ  ଲୋକ ଅଦାଲତ ମାଧ୍ୟମରେ ପାରିବାରିକ ମାମଲାର ସମାଧାନ

ଅଦ୍ୟ ତା ୧୪.୧୨.୨୦୧୯ ରିଖରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଢେଙ୍କାନାଳ ସିଭିଲ କୋର୍ଟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଲୋକ ଅଦାଲତରେ ପାରିବାରିକ ଅଦାଲତର ବିଚାରପତି ଶ୍ରୀଯୁକ୍ତ ଦିପ୍ତି ରଂଜନ କାନୁନଗୋଙ୍କ ଅଧ୍ୟକ୍ଷତାରେ ଓ ସଦସ୍ୟ ଜିଲ୍ଲା ମଧ୍ୟସ୍ଥତା କେନ୍ଦ୍ର, ଢେଙ୍କାନାଳ ଶ୍ରୀ ଓମ୍ ପ୍ରକାଶ ସରଣ ଓ ଶ୍ରୀମତୀ ଶାନ୍ତିଲତା ମିଶ୍ରଙ୍କ ଉପସ୍ଥିତିରେ ମୋଟ ୧୭ଟି ମମଲାର ଫଏସଲା ହୋଇଥିଲା । ଉକ୍ତ ଲୋକ ଅଦାଲତରେ ପାରିବାରିକ ଅଦାଲତର କର୍ମଚାରୀ ମାନେ ସହାୟତା କରିଥିଲେ ।

Sd-

Secretary
District Legal Services Auth
Dhenkanal